# NATIONAL NEWS BULLETIN (ODIA)
## 25 March - 2024
## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ଲୋକସଭା ନିର୍ବାଚନ ପାଇଁ ବିଜେପି ସମେତ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କର ପରବର୍ତ୍ତୀ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି ।
- ରଙ୍ଗର ପର୍ବ ହୋଲି ପାଇଁ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।
- ଭାରତୀୟ ନୌସେନା ଦ୍ୱାରା ଗିରଫ ହୋଇଥିବା ୩୫ ଜଣ ସୋମାଲିଆ ଡକାୟତଙ୍କୁ ୧୦ ଦିନିଆ ପୁଲିସ ହେପାଜତକୁ ପଠାଇ ଦିଆଯାଇଛି ।

ଏବଂ

- ଆଜି ଆଇ.ପି.ଏଲ୍.ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ରାତି ସାଢ଼େ ୭ଟାରେ ମୁକାବିଲା ହେବ ।

# ବିଜେପି ଲିଷ୍ଟ

ଲୋକସଭା ନିର୍ବାଚନ ପାଇଁ ବିଜେପି ତାର ୧୧୧ ଜଣିଆ ପଞ୍ଚମ ପ୍ରାର୍ଥୀ ତାଲିକା ଜାରି କରିଛି। ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ହିମାଚଳ ପ୍ରଦେଶର ମଣ୍ଡି ଲୋକସଭା ଆସନରୁ ନିର୍ବାଚନ ଲଢ଼ିବେ। ଓଡ଼ିଶାର ସମ୍ବଲପୁରରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୁରୀ ଲୋକସଭା ଆସନରୁ ବିଜେପି ମୁଖପାତ୍ର ସମ୍ବିତ ପାତ୍ର ନିର୍ବାଚନ ଲଢ଼ିବେ। କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଉଜିଆରପୁରରୁ, କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ବେଗୁସରାଇରୁ ଏବଂ ବରିଷ୍ଠ ବିଜେପି ନେତା ରବିଶଙ୍କର ପ୍ରସାଦ ବିହାରର ପାଟନା ସାହିବ ଲୋକସଭା ଆସନରୁ ନିର୍ବାଚନ ଲଢ଼ିବେ। ଅଭିନେତା ଅରୁଣ ଗୋଭିଲ ମେରଠ ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ହେବେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ମେନକା ଗାନ୍ଧୀ ସୁଲତାନପୁରରୁ ଏବଂ ୟୁ.ପି. ମନ୍ତ୍ରୀ ଜିତିନ ପ୍ରସାଦ ପିଲିଭିତ ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ହେବେ। ଗତକାଲି ବିଜେପିରେ ଯୋଗ ଦେଇଥିବା ପୂର୍ବତନ କଂଗ୍ରେସ ନେତା ନବୀନ ଜିନ୍ଦଲ କୁରୁକ୍ଷେତ୍ର ଆସନରୁ ନିର୍ବାଚନ ଲଢ଼ିବେ।

# କଂଗ୍ରେସ ଲିଷ୍ଟ୍

ଆସନ୍ତା ଲୋକସଭା ନିର୍ବାଚନ ପାଇଁ ଗତକାଲି କଂଗ୍ରେସ ୩ ଜଣ ପ୍ରାର୍ଥୀଙ୍କୁ ନେଇ ପଞ୍ଚମ ତାଲିକା ପ୍ରକାଶ କରିଛି। କଂଗ୍ରେସ ନେତା 'ପ୍ରତାପ

ସିଂହ' ଖାଚରିଆବାସ ଏବେ ରାଜସ୍ଥାନର ଜୟପୁର ଲୋକସଭା ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ମୁରାରି ଲାଲ ମୀନା ରାଜସ୍ଥାନର ଏସଟି ନିର୍ବାଚନ ମଣ୍ଡଳୀ ଦୌସାରୁ ଏବଂ ଶ୍ରୀମତୀ ପ୍ରତିଭା ସୁରେଶ ଧନୋରକର ମହାରାଷ୍ଟ୍ରର ଚନ୍ଦ୍ରପୁର ଲୋକସଭା ଆସନରୁ ପ୍ରାର୍ଥୀ ହେବେ। ଶନିବାର ଦିନ କଂଗ୍ରେସ ୪୬ ଜଣିଆ ଚତୁର୍ଥ ପ୍ରାର୍ଥୀ ତାଲିକା ପ୍ରକାଶ କରିଥିଲା ।

## ଡବ୍ଲ୍ୟୁବି-ବିଜେପି ଲିଷ୍ଟ୍

ପଶ୍ଚିମବଙ୍ଗର ୧୯ଟି ଲୋକସଭା ଆସନ ପାଇଁ ବିଜେପି ଗତକାଲି ଦ୍ୱିତୀୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ପୂର୍ବରୁ ପଶ୍ଚିମବଙ୍ଗ ପାଇଁ ଦଳ ୨୦ ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଥିଲା। ଆସାନସୋଲରୁ ଜଣେ ପ୍ରାର୍ଥୀ ନାମ ପ୍ରତ୍ୟାହାର କରିନେଇଥିଲେ। ଏବେ ରାଜ୍ୟର ୪୨ଟି ସଂସଦୀୟ କ୍ଷେତ୍ର ମଧ୍ୟରୁ ମୋଟ ୩୮ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି।

ବର୍ତ୍ତମାନ ସାଂସଦ ଥିବା ନେତାମାନଙ୍କର ନିର୍ବାଚନ ମଣ୍ଡଳୀରେ କିଛି ପରିବର୍ତ୍ତନ କରାଯାଇଛି। ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ରାଜ୍ୟ ସଭାପତି ଦିଲୀପ ଘୋଷ ବର୍ଦ୍ଧମାନ ଦୁର୍ଗାପୁର ଆସନରୁ ଏବଂ ଶ୍ରୀମତୀ ରେଖା ପାତ୍ର ବସିରହାଟ ଲୋକସଭା ଆସନରୁ ନିର୍ବାଚନ ଲଢ଼ିବେ। ସନ୍ଦେଶଖାଲି ବସିରହାଟ ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଛି। କୋଲକାତା ହାଇକୋର୍ଟର ପୂର୍ବତନ ବିଚାରପତି ଅଭିଜିତ ଗଙ୍ଗୋପାଧ୍ୟାୟଙ୍କୁ

ତାମଲୁକ ଆସନରେ ପ୍ରାର୍ଥୀ କରାଯାଇଛି। ନିକଟରେ ସେ ବିଚାରପତି ପଦରୁ ଇସ୍ତଫା ଦେବା ସହ ପଶ୍ଚିମବଙ୍ଗରେ ଶିକ୍ଷକ ନିଯୁକ୍ତି ଦୁର୍ନୀତି ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଡକ୍ଟର ଜୟନ୍ତ ରାୟ ଜଲପାଇଗୁଡ଼ି ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ଲଢ଼ିବେ। ଅର୍ଜୁନ ସିଂହ ବାରାକପୁର ଆସନରୁ ନିର୍ବାଚନ ଲଢ଼ିବେ।

## ଲକ୍ଷ୍ନୌ-ବିଏସ୍‌ପି

ବହୁଜନ ସମାଜ ପାର୍ଟି ମୁଖ୍ୟ ମାୟାବତୀ ଉତ୍ତରପ୍ରଦେଶ ଲୋକସଭା ନିର୍ବାଚନ ପାଇଁ ୧୬ ଜଣ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ଘୋଷଣା କରିଛନ୍ତି। ସାହାରନପୁରରୁ ମାଜିଦ ଅଲ୍ଲୀ, କୈରାନାରୁ ଶ୍ରୀପାଲ ସିଂହ, ମୁଜାଫରନଗରରୁ ଦାରା ସିଂ ପ୍ରଜାପତି, ବିଜନୋରରୁ ବିଜେନ୍ଦ୍ର ସିଂହ, ନଗିନାରୁ ସୁରେନ୍ଦ୍ର ପାଲ ସିଂହ ଏବଂ ମୋରାଦାବାଦରୁ ମହମ୍ମଦ ଇରଫାନ ସୈଫି ପ୍ରାର୍ଥୀ ହୋଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ରାମପୁରରେ ଜିଶାନ ଖାନ, ସମ୍ଭାଲରେ ଶୌଲତ ଅଲ୍ଲୀ, ଅମ୍ରୋହାରୁ ମୁଜାହିଦ ହୁସେନ, ମିରଟରୁ ଦେବବ୍ରିତ ତ୍ୟାଗୀ, ବାଗପତରୁ ପ୍ରବୀଣ ବଂଶଲ, ଗୌତମ ବୁଦ୍ଧ ନଗରରୁ ରାଜେନ୍ଦ୍ର ସିଂହ ସୋଲାଙ୍କି, ବୁଲନ୍ଦସହରରୁ ଗିରିଶ ଚନ୍ଦ୍ର ଜାଟବ, ଓଁଲାର ଆବିଦ

ଅଲ୍ଲୀ, ପିଲିଭିତରୁ ଅନୀସ ଅହମ୍ମଦ ଖାନ ଏବଂ ଶାହାଜାହାନପୁରରୁ ଡାକ୍ତର ତୋତରାମ ବର୍ମା ।

୧୬ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ମୁସଲମାନ ପ୍ରାର୍ଥୀଙ୍କୁ ସର୍ବାଧିକ ୭ଟି ଆସନ ଦିଆଯାଇଥିବା ବେଳେ ଦଳିତ, ଅନ୍ୟାନ୍ୟ ପଛୁଆ ବର୍ଗ ଓ ଉଚ୍ଚ ଜାତିକୁ ୩ଟି ଲେଖାଏଁ ଆସନ ଦିଆଯାଇଛି ।

## ହୋଲି ଫେଷ୍ଟିଭାଲ୍

ସାରା ଦେଶ ରଙ୍ଗର ପର୍ବ ହୋଲି ପାଇଁ ଉତ୍ସବମୁଖର ହୋଇଛି । ଏହି ପର୍ବ ମନ୍ଦ ଉପରେ ଭଲର ବିଜୟକୁ ସୂଚିତ କରେ ଏବଂ ବସନ୍ତ ଋତୁର ଆଗମନକୁ ପାଳନ କରିଥାଏ ।

ଏହି ଦିନ ଲୋକମାନେ ପରସ୍ପର ଉପରେ ଅବିର ବା ରଙ୍ଗ ଲଗାନ୍ତି, ଶୁଭେଚ୍ଛା ଆଦାନ ପ୍ରଦାନ କରନ୍ତି, ମିଠା ଖାଆନ୍ତି ଏବଂ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତି ।

ହୋଲି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ରାଷ୍ଟ୍ରପତି, ହୋଲି ଏକ ଜୀବନ୍ତ ଓ ଆନନ୍ଦର ପର୍ବ, ଯାହା ଲୋକଙ୍କ ଜୀବନରେ ଆଶା ଓ ଉତ୍ସାହ ଜାଗ୍ରତ କରିଥାଏ ବୋଲି କହିଛନ୍ତି । ସେ କହିଛନ୍ତି, ହୋଲିର ବିଭିନ୍ନ ରଙ୍ଗ ଦେଶର ବିବିଧତାର ପ୍ରତୀକ ଏବଂ ଏହି

ପର୍ବ ଲୋକଙ୍କ ମଧ୍ୟରେ ପ୍ରେମ, ଏକତା ଏବଂ ଭାଇଚାରାର ଭାବନାକୁ ପ୍ରୋତ୍ସାହିତ କରିଥାଏ ।

ଉପରାଷ୍ଟ୍ରପତି ଧନଖଡ଼ କହିଛନ୍ତି, ଏହି ପର୍ବ ସମସ୍ତଙ୍କ ମଧ୍ୟରେ ବନ୍ଧନକୁ ପୁନରୁଦ୍ଧାର କରିବା ସହ ବସନ୍ତର ଆଗମନକୁ ସ୍ୱାଗତ କରିବାପାଇଁ ଏକ ମାର୍ମିକ ମୁହୂର୍ତ୍ତ ଭାବରେ କାର୍ଯ୍ୟ କରେ । ସେ କହିଛନ୍ତି, ହୋଲି ସମ୍ପର୍କକୁ ସୁଦୃଢ଼ କରିବା, ଅତୀତର ଅଭିଯୋଗକୁ ତ୍ୟାଗ କରିବା ଏବଂ ନୂତନ ସୁଯୋଗ ଗ୍ରହଣ କରିବାର ଏକ ସୁଯୋଗ ଭାବରେ କାର୍ଯ୍ୟ କରେ ।

ନିଜ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ, ରଙ୍ଗର ପର୍ବ ସମସ୍ତଙ୍କ ଜୀବନରେ ନୂଆ ଶକ୍ତି ଏବଂ ଉତ୍ସାହ ଆଣିଥାଏ ବୋଲି କହିଛନ୍ତି ।

## ଲଦାଖ-ରାଜନାଥ ଭିଜିଟ୍

ଦୁର୍ଗମ ଅଞ୍ଚଳ ଓ ଖରାପ ପାଗରେ ଦେଶକୁ ସୁରକ୍ଷା ଦେବା ପାଇଁ ସଶସ୍ତ୍ର ବାହିନୀର ବୀରତା, ସଂକଳ୍ପ ଓ ବଳିଦାନକୁ ପ୍ରଶଂସା କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ଯବାନମାନଙ୍କ ସହ ହୋଲି ପାଳନ କରିବା ପରେ ଲେହରେ ସୈନିକମାନଙ୍କୁ ସମ୍ବୋଧିତ କରି ଶ୍ରୀ ସିଂହ କହିଛନ୍ତି, ଖୁବ୍ ଉଚ୍ଚରେ ମୁତୟନ ହୋଇଥିବା ଯବାନଙ୍କ ସକାରାତ୍ମକ ପ୍ରତିବଦ୍ଧତା ଅତ୍ୟନ୍ତ ଥଣ୍ଡା ମାଇନସ୍ ତାପମାତ୍ରା ତୁଳନାରେ ଅଧିକ ଶକ୍ତିଶାଳୀ। ସେ କହିଛନ୍ତି, ପ୍ରତ୍ୟେକ ନାଗରିକ ସଶସ୍ତ୍ର ବାହିନୀ ପାଇଁ

ଗର୍ବିତ । ସେମାନେ ନିଜ ପରିବାରଠାରୁ ବହୁ ଦୂରରେ ରୁହନ୍ତି ବୋଲି ଆମେ ଆମ ପରିବାର ସହିତ ଶାନ୍ତିରେ ହୋଲି ଏବଂ ଅନ୍ୟାନ୍ୟ ପର୍ବ ପାଳନ କରିଥାଉ । ଦେଶ ଆମ ଯବାନଙ୍କ ନିକଟରେ ସର୍ବଦା ଋଣୀ ରହିବ । ସେମାନଙ୍କ ସାହସ ଓ ବଳିଦାନ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ସୈନିକମାନଙ୍କ ସହ ପର୍ବ ପାଳନ କରିବା ଆମ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବା ଉଚିତ ବୋଲି ଶ୍ରୀ ରାଜନାଥ ସିଂହ କହିଛନ୍ତି।

ଖରାପ ପାଗ ଯୋଗୁଁ ପ୍ରତିରକ୍ଷା ମନ୍ତ୍ରୀ ସିଆଚେନ୍‌ରେ ପହଞ୍ଚିପାରି ନ ଥିଲେ । ସେ ସେଠାରେ ମୁତୟନ ଥିବା ସୈନିକମାନଙ୍କ ସହ କଥା ହୋଇ ସେମାନଙ୍କୁ ହୋଲି ଶୁଭେଚ୍ଛା ଜଣାଇଛନ୍ତି। ଖୁବଶୀଘ୍ର ଲଦାଖ ଗସ୍ତ କରି ସିଆଚେନରେ ସୈନିକଙ୍କ ସହ ଆଲୋଚନା କରିବେ ବୋଲି ସେ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆମର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତିରେ ଆମେ **ଦେଶରେ ଷ୍ଟାର୍ଟଅପ୍ ଅର୍ଥନୀତିକୁ ମଜବୁତ କରିବା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥାର ଉପଯୋଗ** ଶୀର୍ଷକ ଆଲୋଚନାର ପ୍ରଚାର କରିବୁ । ଭାରତୀୟ ଇଲୋକ୍ଟ୍ରୋନିକ୍ ଶିଳ୍ପ ମହାସଂଘର ସାଧାରଣ

ସଚିବ ରାଜୁ ଗୋୟଲ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717106 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ କରି ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଓ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଇଣ୍ଡିଆନ୍ ନାଭି

ଭାରତୀୟ ନୌସେନା ଦ୍ୱାରା ଗିରଫ ହୋଇଥିବା ୩୫ ଜଣ ସୋମାଲିଆର ଡକାୟତଙ୍କୁ ମୁମ୍ବାଇର ଏକ ଅଦାଲତ ଗତକାଲି ୧୦ ଦିନିଆ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି । ଭାରତୀୟ ନୌବାହିନୀର ଯୁଦ୍ଧ ଜାହାଜ ଆଇଏନ୍‌ଏସ୍ କୋଲକାତା ଏହି ଡକାୟତମାନଙ୍କୁ ଧରିଥିଲା ।

ଆଇଏନ୍‌ଏସ୍ କୋଲକାତା ମାର୍ଚ୍ଚ ୧୫ରୁ ଆରମ୍ଭ ହୋଇଥିବା ୪୦ ଘଣ୍ଟାର ଦୀର୍ଘ ଅପରେସନ ପରେ ଡକାୟତମାନଙ୍କୁ ଧରିଥିଲା । ଭାରତୀୟ ନୌସେନା ଅନୁଯାୟୀ ଆଇଏନ୍‌ଏସ୍ କୋଲକାତା ଆରବ ସାଗରରେ

ଡକାୟତ ଜାହାଜ ଏକ୍ସ ଏମ୍‌ଭି ରୁଏନ୍‌କୁ ଅଟକାଇଥିଲା, ଯାହା ଏକ ମାଲବାହୀ ଜାହାଜ ଯାହାକୁ ଚୋରି କରିବା ପାଇଁ ମୂଳ ଜାହାଜ ଭାବରେ ବ୍ୟବହାର କରାଯାଉଥିଲା । ନୌସେନା ସେହି ଜାହାଜରୁ ୧୭ ଜଣ କ୍ରୁ ମେମ୍ବରଙ୍କୁ ଉଦ୍ଧାର କରିଛି ।

ୟୁ.କେ.ଏମ୍.ଟି.ଓ. (ୟୁନାଇଟେଡ୍ କିଙ୍ଗ୍‌ଡମ୍ ମେରିଟାଇମ୍ ଟ୍ରେଡ୍ ଅପରେସନ୍)ରୁ ଭାରତୀୟ ନୌସେନାର ସୂଚନା ସଂଯୋଗ କେନ୍ଦ୍ର-ଭାରତ ମହାସାଗର ଅଞ୍ଚଳକୁ ମିଳିଥିବା ସୂଚନା ଆଧାରରେ ଆଇଏନ୍‌ଏସ୍ କୋଲକାତା ଆରବ ସାଗରରେ ଡକାୟତ ଜାହାଜର ପୂର୍ବତନ ଏମଭି ରୁଏନକୁ ଅଟକାଇଥିଲା । ୩୫ ଜଣ ଡକାୟତଙ୍କୁ ନେଇ ଏହି ଯୁଦ୍ଧ ଜାହାଜ ଶନିବାର ମୁମ୍ବାଇରେ ପହଞ୍ଚିବା ପରେ ସେମାନଙ୍କୁ ମୁମ୍ବାଇ ପୋଲିସକୁ ହସ୍ତାନ୍ତର କରିଛି ।

## ଆଇପିଏଲ୍

ଆଇପିଏଲ କ୍ରିକେଟରେ ଜୟପୁରର ସଓ୍ୱାଇ ମାନସିଂହ ଇଣ୍ଡୋର ଷ୍ଟାଡିୟମରେ ଗତକାଲି ରାଜସ୍ଥାନ ରୟାଲ୍ସ ୨୦ ରନରେ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ପରାସ୍ତ କରିଛି । ୧୯୪ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୩ ରନ୍ ସଂଗ୍ରହ କରିପାରିଥିଲା । ଲକ୍ଷ୍ନୌ ପକ୍ଷରୁ ନିକୋଲାସ ପୁରନ ୪୧ ବଲ୍‌ରେ

ଅପରାଜିତ ୬୪ ରନ୍ ଓ ଅଧିନାୟକ କେ.ଏଲ୍. ରାହୁଲ ୫୮ ରନ୍ କରିଥିଲେ ।

ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ୪ ୱିକେଟ୍ ହରାଇ ୧୯୩ ରନ୍ କରିଥିଲା। ଅଧିନାୟକ ସଞ୍ଜୁ ସାମସନ୍ ୫୨ ବଲ୍‌ରେ ୮୨ ରନ୍ କରି ଅପରାଜିତ ରହିଥିଲେ।

ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ଆଇପିଏଲ୍‌ର ଗତକାଲି ଦ୍ୱିତୀୟ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୬ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଗୁଜରାଟ ଟାଇଟନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୬୮ ରନ୍ କରିଥିଲା। ୧୬୯ ରନ୍ ର ପିଛା କରୁଥିବା ମୁମ୍ବାଇ ଦଳ ୨୦ ଓଭରରେ ୯ ୱିକେଟ୍ ହରାଇ ୧୬୨ ରନ୍ କରିଥିଲା।

ଆଜି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରାତି ସାଢ଼େ ୭ଟାରେ ମୁକାବିଲା ହେବ ।